# ନଟିଆ

ଖୁବ୍‌ଜୋରିଆ ପଡାରେ ସକାଳର ସୂର୍ଯ୍ୟର କିରଣକୁ ବେଳେବେଳେ ବିକଶିତ ହେବା ବନ୍ଦକରିବା ପାଇଁ ସୂର୍ଯ୍ୟକୁ ନିର୍ଦ୍ଦେଶ ଦିଆଯାଇପାରେ । ଚିର ଉଦ୍‌ବେଳିତ ବସନ୍ତର ଗତିପଥରେ ପରିବର୍ତ୍ତନ ଆଣି ଏଇ ଗାଁଟାର ଉପରେ ଚିର ବସନ୍ତର ସମ୍ଭାର ସୃଷ୍ଟି କରିବା ପାଇଁ କୁହାଯାଇପାରେ । କୋକିଳର ମୁହୁର୍ମୁହୁଃ ତାନକୁ ବର୍ଷର ସମସ୍ତ ସମୟରେ ଗ୍ରାମବାସୀମାନଙ୍କୁ ଶୁଣାଇବା ପାଇଁ କୁହାଯାଇପାରେ । ଏ ସାମନ୍ତବାଦୀ ଗ୍ରାମରେ ପ୍ରକୃତିକୁ ମଧ୍ୟ ନିର୍ଦ୍ଦେଶମାନ ଦେବାପାଇଁ ଗୋଟାଏ ଗୋଟାଏ ଉଦ୍‌ବେଳିତ ଆକାଂକ୍ଷା ଏବଂ ଏହା ଏହି ଗ୍ରାମର ଆତ୍ମବଡ଼ିମାର ବିଶେଷତ୍ୱ । ଏଠାରେ ପବନ ସ୍ୱଇଚ୍ଛାରେ ପ୍ରବହମାନ ହୋଇନପାରେ । ଏଠାରେ ପୁଷ୍କରିଣୀରେ ଦିନରେ କଇଁ ଓ ରାତିରେ ପଦ୍ମ ଫୁଟିବାର ପ୍ରହେଳିକା କେତେ ଲୋକ ସୃଷ୍ଟି କରିପାରନ୍ତି । ଯେତେବେଳେ ଆମ୍ବ ବଉଳର ସୁମଧୁର ବାସ୍ନା ମନପ୍ରାଣ ବିମୋହିତ କରେ, ଯେତେବେଳେ ଦକ୍ଷିଣା ପବନଟାକୁ ଆକଣ୍ଠ ପାନ କରିଯିବାର ଇଚ୍ଛା ପ୍ରକାଶିତ ହୁଏ, ସେତିକିବେଳେ ନଟିଆ ପରି ଚରିତ୍ରମାନେ ଏଇ ଭିଟାମାଟିର ତୀବ୍ର ମୋହରେ ଅଧୀର ହୋଇ ଉଠନ୍ତି ଏବଂ ଏ ଗାଆଁଟାକୁ ନିବିଡ଼ଭାବରେ ଭଲ ପାଇ ବସନ୍ତି ଏବଂ ଏଇ ଭଲ ପାଇବାଟା ସେମାନଙ୍କ ପାଇଁ ବେଳେ ବେଳେ ହୋଇଉଠେ ଗୋଟାଏ ଗୋଟାଏ ଅଭିଶାପ ।

ନଟିଆ ସେଦିନ ଗାଁର ସାମନ୍ତମାନଙ୍କ ଆଗରେ ଦାନ୍ତରେ ତିରଣ ଧରି, ମୁଣ୍ଡିଆମାରି ଅନେକ ନେହୁରା ହେଲା । ତାର ସମସ୍ତ ଉଦ୍‌ଗମିତ କୋହ ଆଉ ଏ ଝାଟିମାଟି ଗାଁର ମମତା ପାଇଁ ବୋଧକରୁ ଏହା ସେମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିଲା ନାହିଁ । ନଟିଆ ପରି ଏକ ନିର୍ବୋଧ ଏବଂ ଗୌଣ ଚରିତ୍ରର କଥା କଣ ବା ପ୍ରଭାବ ପକାଇ ପାରିବ ସଆନ୍ତ ମାନଙ୍କଉପରେ ? ସମସ୍ତ ଅନୁନୟ ଓ ବିନୟ ସତ୍ତ୍ୱେ ନଟିଆକୁ ଦଣ୍ଡବିଧାନ କରାଗଲା ଯେ ସେ ଗାଁଆର କୋଠକୁ ଦୁଇଶତ ଟଙ୍କା ଜୋରିମାନା ଦେବ, ସାଆନ୍ତମାନଙ୍କ ଆଗରେ ବେକରେ ଗାମୁଛା ପକାଇ, ଦାନ୍ତରେ ତିରଣ ଧରି ନିଜର ଭୁଲକୁ ସର୍ବ ସମକ୍ଷରେ ମାନିନେବ । ଏଥିରୁ ବ୍ୟତିକ୍ରମ ହେଲେ ନଟିଆକୁ ଗାଁର ନିଆଁ

ପାଣି ବାସନ୍ଦ କରାଯିବ । ନଟିଆର ନିଷ୍କପଟ ସରଳ ମନରେ ନିଆଁପାଣିର ବାସନ୍ଦଟା ଗୋଟାଏ ବଜ୍ରପରି ଆଘାତ ହେଲା ଯେପରି ତା ପାଇଁ ଏହା ସାମାଜିକ ବାସନ୍ଦ ।

ନଟିଆ ଏଇ ଖୁବ୍‌ଜୋରିଆପଡ଼ା ଗାଁର ଗୋଟାଏ କୁଲି ମୂଲିଆ ମଣିଷ । ସ୍ତ୍ରୀ ମଣି ଓ ଝିଅ ସେବକୁ ନେଇ ତାର ତେଲ ଲୁଣର ସଂସାର । ସେ ମୂଲ ପାଇଟିକରି ଯାହା ଦୁଇ ପଇସା ପାଏ ସେଥିରେ ତିନି ପ୍ରାଣୀ କୌଣସି ମତେ ଚଳିଯାନ୍ତି । ନଟିଆର ସ୍ତ୍ରୀ ସାଆନ୍ତ ମାନଙ୍କ ଘରେ ପାଇଟି କରି ସଂଧ୍ୟାରେ କିଛି ଖୁଦ ତୋରାଣିର ପସରା ନେଇ ଆସେ ଘରକୁ । ସେଥିରେ ସମସ୍ତେ ଢୋକେ ପିଇ, ଦଣ୍ଡେ ଜିଇବା ଯୁକ୍ତିରେ ଚଳିଯାଆନ୍ତି । ମଣି କହେ ଝୁଅଲୋ ! ଭାତ ଗଣ୍ଡାଏ ଅଛି ତୁ ଖାଇ ଶୋଇ ଯା, ସକାଳ ହେଲେ ଭଲ ମନ୍ଦ କିଣିଦେବି ତୋ' ପାଇଁ । ବୋଧକରୁ ଏ ଭଲ ମନ୍ଦ ସଦାବେଳେ ଭଲ ମନ୍ଦରେ ହିଁ ରହିଯାଏ କେବେ ତାର ସ୍ୱରୂପ ନା ନଟିଆ ଜାଣେ, ନା' ତାର ଝିଅ ଜାଣେ ।

ନଟିଆର ସ୍ତ୍ରୀ ମଣିର କଳା ମଚ ମଚ ଚିକଣିଆ ଦେହଟା ଉପରେ ସାଆନ୍ତ ମାନଙ୍କର ଭାରି ନଜରଥାଏ । ବେଳେବେଳେ ନଟିଆକୁ ପାଖକୁ ଡ଼ାକି କହନ୍ତି, ହଇରେ ନଟିଆ ! ତୋର ସ୍ତ୍ରୀକୁ ଆମଘରେ କ'ଣ କିଏ ବାଡ଼େଇ ପକଉଛି କିରେ ! ତାକୁ କହୁନୁ ସେ ଆମ ଘରେ ପାଇଟି କରିବ । ନଟିଆ ବି' ମଣିକୁ କହେ ସାଆନ୍ତଙ୍କ ଘରେ କାମ କରିବା ପାଇଁ । ତା'ର ସରଳିଆ ମନଟାରେ ଏତେ ଗହୀରା ତତ୍ତ୍ୱଗୁଡ଼ାକ ପଶିପାରେ ନାହିଁ । ମଣି କହେ ପାଞ୍ଚ ପାଞ୍ଚଟା ସାହି ଡ଼େଇଁ ବଡ଼ ସଆନ୍ତଙ୍କ ଘରେ କାମ କରିବାକୁ ମୋର ମୋଟେ ମନ ହେଉନାହିଁ ରେ ନଟିଆ ! ନଟିଆର ବଡ଼ ସାଆନ୍ତଙ୍କ ମନର ଅରମାନକୁ ତାମିଲ ନକରିବାର ଦଣ୍ଡ ହୁଏତ ଆଜିର ଜୋରିମାନା ବା ଅପମାନର ସ୍ୱରୂପ ହୋଇପାରେ ।

ନଟିଆର ଦୋଷ ହେଲା ସାଆନ୍ତଙ୍କ ଖଞ୍ଜାବାଡ଼ିରେ ସାଆନ୍ତଙ୍କର ହଳିଆ ସାରୁଖୋଳି ନେଇଯିବାପରେ ପଡ଼ିଥିବା ଦୁଇ ଚାରୋଟି ପୁଆ ନଟିଆ ଗୋଟେଇ ନେଇଆସିଛି । ତାହା ଚୋରୀ ନୁହେଁତ ଆଉ କ'ଣ ? " ଆଳୁ ଚୋର, କଖାରୁ ଚୋର, ଚୋରଉ ଚୋରଉ ବଡ଼ା ଚୋର" । ସାଆନ୍ତ କହିଲେ ଆଜି ସାରୁ, କାଲକି କଂସା ବାସନ, ତାପରେ ଟଙ୍କା ବା ସୁନା, ତାପରେ ଡକାୟତି ମଣିଷମାରୁ ଇତ୍ୟାଦି ।

ଏଗୁଡ଼ା ଗୋଟାଏ ଗୋଟାଏ ସୋପାନ ଅପରାଧ ମାନଙ୍କର । ଖୁବ୍‌ଜୋରିଆପଡ଼ା ପରି ଏକ ସାମନ୍ତବାଦୀ ଗାଁର ନଟିଆପରି ମଲିମୁଣ୍ଡିଆମାନେ ନ୍ୟାୟର ତୀବ୍ର ପକ୍ଷପାତୀତା ମଧ୍ୟରେ ସଦାବେଳେ ଜୋର ଦବରଦସ୍ତ ଚାପିହୋଇ ନିଃଶେଷ ହୋଇଯାନ୍ତି । ସଂଧ୍ୟାବେଳ ହେଲେ ଯଦି କାହାକୁ ଡାକରାପଡ଼େ କଚେରୀ ଘରଠାକୁ ଯିବାପାଇଁ, ତା'ର ଘରେ ଚୁଲି ଜଳେ ନାହିଁ । ନଟିଆ, ନିରୀହ ନଟିଆ ବୁଝେନା ତାର କ'ଣ ପାଇଁ ଡାକରା କଚେରୀ ଦୁଆରକୁ ଯିବାପାଇଁ । ତାକୁ ଭାରି ଡ଼ର ଲାଗେ । ସେ ସାଇ ମଣିଷକୁ ପାଖକୁ ଡ଼ାକି କହେ ତା ସାଙ୍ଗରେ କଚେରୀ ଦୁଆରକୁ ଯିବାପାଇଁ । ନଟିଆ ଏଥିପାଇଁ ତାର ଦାରିଦ୍ର୍ୟକୁ ନିନ୍ଦାକରେ । ତାର ଭାଗ୍ୟକୁ ନିନ୍ଦାକରେ । ତାର ସାମାଜିକ ସ୍ଥିତିକୁ ନିନ୍ଦାକରେ ଏବଂ ଶେଷରେ ତାର ସ୍ତ୍ରୀ ଓ ଝିଅକୁ ଦୋଷଦିଏ ଯେ ସେମାନେ ନଥିଲେ ନଟିଆ ଆଜି କାହିଁକି ସାଆନ୍ତଙ୍କ ବାରିରୁ ସାରୁ ପୁଆ ଦୁଇ ଚାରିଟା ଗୋଟାଇ ଆଣିଥାନ୍ତା ଯାହା ଆଜିର ମାର୍ମିକ ଅଭିସଂପାତ ପାଇଁ ଦାୟୀ ।

ନଟିଆର ନିଷ୍କଳଙ୍କ ଚରିତ୍ର ତା' ଭିତରେ ବିଦ୍ରୋହ କରି ଉଠେ । ନ୍ୟାୟ ବିଚାର ନାମରେ ଚାଲିଥିବା ବ୍ୟଭିଚାରର ସେ ଯେ ତୀବ୍ର ବିରୋଧ କରିବ ସେ ମାନସିକ ଭାବରେ ପ୍ରସ୍ତୁତ ହୋଇଯାଏ । ତାପରେ ସମାଜର ଏକ ନିମ୍ନଶ୍ରେଣୀର ବ୍ୟକ୍ତିତ୍ୱ ନିଆଁପାଣିର ବାସନ୍ଦ ହେଲେ ଅସୁବିଧା ବା' କ'ଣ ହୋଇଯିବ ? ଗରିବୀର ଗୋଟାଏ ନିଛକ ଦୃଷ୍ଟାନ୍ତ ନଟିଆ ମନକୁ ମନ ଭାବେ ଯେ ଏ ଗାଁଆର ଚାରିକାନ୍ଥ ଡ଼େଇଁ ସେ ଭୁବନେଶ୍ୱର ରାଜଧାନୀର ମାଟିରେ ପହଞ୍ଚିବ ଯେଉଁଠାରେ କେହି କାହାରି ହିସାବ ରଖନ୍ତି ନାହିଁ ଏବଂ ଯେଉଁଠାରେ ସାମନ୍ତମାନଙ୍କର ନାଲି ଆଖିର ପ୍ରାଦୁର୍ଭାବ ନଥିବ ।

କଚେରୀ ଦୁଆରେ ନ୍ୟାୟ ବସିବାବେଳେ ଯେତେବେଳେ ନଟିଆ ଉପରେ ସମସ୍ତଙ୍କର ଷଣ୍ଢୁଆସି ଆକ୍ରମଣ ହୁଏ ଯେ ସେ ଚୋରୀ କଲା କ'ଣ ପାଇଁ ? ସେତେବେଳେ ନଟିଆର ହୃଦୟ ବିଦ୍ରୋହ କରି ଉଠିଲା ଯେ ସେ ଚୋରୀ କରିନାହିଁ । ଚୋରୀ କରିବା ଦାରିଦ୍ର୍ୟ କଷାଘାତ ପ୍ରପୀଡ଼ିତ ଗୋଟାଏ ଚରିତ୍ର ପାଇଁ ହୁଏତ ସାମୟିକ ପାଥେୟ ହୋଇପାରେ ମାତ୍ର ତାହା ନଟିଆପରି ଏକ ସରଳ ଗାଉଁଲୀ ଚରତ୍ରର ପରିଚାୟକ ନୁହେଁ । ଆଜିଯାଏଁ ଏ ଖୁବ୍‌ଜୋରିଆପଡ଼ା ଗାଁରେ ନଟିଆର କେବେବି' କାହାର ବାଡ଼ିରୁ କେରାଏ ଧାନ ବା ମୁଗ ବା ବିରି ଉଠାଇବାର ନଜିର୍ ଏ ଗାଁରେ ଅନ୍ତତଃ ନାହିଁ !

ବିଲରେ ପଡ଼ିଥିବା କେତେଟା ସାରୁପୁଆ ପାଇଁ ଏପରି ଏକ ନ୍ୟାୟ ବିଚାରର ଆବଶ୍ୟକତା ବିଷୟରେ ନଟିଆ ପ୍ରଶ୍ନ କରିଥିଲା । ଯେହେତୁ ଜଣେ ସାଆନ୍ତଙ୍କ ପ୍ରଶ୍ନ ଏହା ସହିତ ଜଡ଼ିତ, ଯେହେତୁ ତାକୁ ଚୋରୀର ରୂପ ଦିଆଯାଇଛି ତେଣୁ ତାର ହୃଦୟ ବାରମ୍ବାର କହିଉଠିଲା ଏ ପ୍ରକାର ପକ୍ଷପାତୀ ସିଦ୍ଧାନ୍ତର ତୀବ୍ର ବିରୋଧ କରିବା ପାଇଁ ।

ନଟିଆର ଅନ୍ତରର ପ୍ରଳାପ ବୋଧହୁଏ କେତେକ ଉଚ୍ଚ ଭାବାପନ୍ନ ବ୍ୟକ୍ତିବିଶେଷଙ୍କର ମନକୁ ଛୁଇଁ ପାରିଲା । ସେମାନେ ସମସ୍ତେ ନଟିଆକୁ ନିର୍ଦ୍ଦୋଷର ପ୍ରମାଣ ଦେବା ପାଇଁ ଆଗେଇ ଆସିଲେ ଏବଂ ପୂର୍ବରୁ ବିଚାର କରାଯାଇଥିବା ଦଣ୍ଡ ବିଧାନ କରାଯାଇଥିବା ନ୍ୟାୟ ଠିକ୍ ହୋଇନାହିଁ ବୋଲି ସମସ୍ତେ ଦୃଢ଼ ସ୍ୱରରେ କହିଉଠିଲେ । ଏହା ଯଦିଓ ସାଆନ୍ତଙ୍କ ମନରେ ଦାରୁଣ ଆଘାତ ଦେଲା, ତାଙ୍କ ବ୍ୟକ୍ତିତ୍ୱପ୍ରତି ଏକ ଆହ୍ୱାନ ବୋଲି ସେ ଅନୁଭବ କଲେ ତଥାପି ଅନ୍ୟମାନଙ୍କ ସମ୍ମୁଖରେ ନୀରବ ରହିବା ହିଁ ଶ୍ରେୟ ମଣିଲେ ।

ଏ ସମାଜରେ ନଟିଆ ପରି ଅନେକ ଚରିତ୍ର ପ୍ରତିଦିନ ଶୋଷଣର ଚକ୍ରବ୍ୟୂହ ମଧ୍ୟରେ ପେଷି ହୋଇଯାଉଛନ୍ତି । ନଟିଆ ଆଜି ତା' ବିରୋଧରେ ସ୍ୱର ଉତ୍‌ଥାପନ କରିବାର ପଥ ଏ ସମାଜକୁ ଶିକ୍ଷା ଛଳରେ ଦେଇଯାଇଛି । ସେ ସମାଜର ଦଳିତ ମାନଙ୍କପାଇଁ ସ୍ୱୀୟ ଅଧିକାରକୁ ପ୍ରତି କ୍ଷେତ୍ରରେ ସାବ୍ୟସ୍ତ କରିବାର ପାଥେୟ ଦେଇଦେଇଛି । ଏହା ଯେ ଭବିଷ୍ୟତରେ ତଥାକଥିତ ସାମନ୍ତମାନଙ୍କର ପାଟି ବନ୍ଦକରିବାର ଏକ ଉଚିତ ପନ୍ଥା ଏଥିରେ କାହାର ସନ୍ଦେହ ନାହିଁ ବା' ନରହିପାରେ ।

***